بسم الله الرحمن الرحيم

**୨୫ ଜାନୁଆରୀ ୨୦୧୯ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

ହଜରତ ମହମ୍ମଦ ସ.ଆଙ୍କ ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବା କରାମ ରିଜୱାନୁଲ୍ଲାଃ ଆଲୈହିମ୍ ଓ୍ୱ ଅଜମଈନଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ– ଆଜି ମୁଁ ଯେଉଁ ବଦରୀ ସାହାବାଙ୍କ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ପ୍ରଥମ ନାମ ହଜରତ ତୁଫେଲ୍ ବିନ୍ ହାରିସ୍ ଅଟେ । ହଜରତ ତୁଫେଲ୍ ବିନ୍ ହାରିସ୍ ନିଜ ଭ୍ରାତା ହଜରତ ଅବିଦାଃ ଓ ହୁସେନ ର.ଅଙ୍କ ସମେତ ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ । ଏହିପରି ଓ୍ୱହଦ ଓ ଖନ୍ଦକ ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ତାଙ୍କ ଦେହାନ୍ତ ୩୨ହିଜରୀରେ ୭୦ବର୍ଷ ବୟସରେ ହୋଇଥିଲା ।

ଦ୍ୱିତୀୟ ସାହାବୀ ହଜରତ ସଲିମ୍ ବିନ୍ ଉମରୋ ଅନସାରୀ ଅଟନ୍ତି । ସେ ଅକବାରେ ୭୦ଜଣ ବ୍ୟକ୍ତିଙ୍କ ସମେତ ବୟତ କରିଥିଲେ ଏବଂ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ । ସେ ଓ୍ୱହଦ୍ ଯୁଦ୍ଧରେ ଶହିଦ୍ ହୋଇଥିଲେ ।

ତା'ପରେ ଯାହାଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହଜରତ ସଲିମ୍ ବିନ୍ ହାରିସ୍ ଅନସାରୀ ଅଟେ । ସେ ବଦର ଯୁଦ୍ଧରେ ସାମିଲ ଥିଲେ ଏବଂ ଓ୍ୱହଦ ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ଆଉ ଜଣ ଜଣେ ସାହାବୀ ହଜରତ ସଲିମ୍ ବିନ୍ ମଲହାନ୍ ଅନସାରୀ ଥିଲେ ତାଙ୍କ ମାତାଙ୍କ ନାମ ମଲିକା ବିନତ୍ ମାଲିକ୍ ଥିଲା । ଯେ ହଜରତ ଅନସ ବିନ୍ ମାଲିକ୍ ର.ଅଙ୍କ ମାମୁଁ ଓ ହଜରତ ଉମ୍ମେ ହରାମ, ହଜରତ ଉମ୍ମେ ସଲିମ୍ଙ୍କ ଭ୍ରାତା ଥିଲେ । ହଜରତ ଉମ୍ମେ ହରାମ ହଜରତ ଅବାଦାଃ ବିନ୍ ସାମତଙ୍କ ପତ୍ନୀ ଥିଲେ ଯେତେବେଳେ କି ଉମ୍ମେ ସଲିମ୍ ହଜରତ ଅବୁ ତଲ୍ହା ଅନସାରୀଙ୍କ ପତ୍ନୀ ଥିଲେ ଏବଂ ତାଙ୍କ ସୁପୁତ୍ର ହଜରତ ଅନସ ବିନ୍ ମାଲିକ୍ ହଜରତ ମହମ୍ମଦ ସ.ଆଙ୍କ ଦାସ ଥିଲେ । ସେ ନିଜ ଭ୍ରାତା ହଜରତ ହରାମ ବିନ୍ ମଲହାନଙ୍କ ସାଥିରେ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ଦୁହେଁ ବ'ଏରେ ମାଉନା ଘଟଣାରେ ଶହିଦ୍ ହୋଇଥିଲେ । ସେମାନଙ୍କ ତୁଳନାରେ ଶତ୍ରୁଙ୍କ ସଂଖ୍ୟା ବେଶ୍ ଅଧିକ ଥିବା ପରିସ୍ଥିତିରେ ଯୁଦ୍ଧ ଆରମ୍ଭ ହେଲା ଏବଂ ହଜୁର ସ.ଆଙ୍କ ସାହାବା ଜଣକ ପରେ ଜଣେ ଶହିଦ୍ ହୋଇଯାଇଥିଲେ । ଶତ୍ରୁ ହଜରତ ସଲିମ୍ ବିନ୍ ମଲହାନ ଓ ହକମ ବିନ୍ କସାନଙ୍କୁ ଘେରିନେଲେ ସେତେବେଳେ ସେ କହିଉଠିଲେ ହେ ଅଲ୍ଲାଃ ! ବର୍ତମାନ ତୁମ୍ଭ ବ୍ୟତୀତ କେହି ନାହାନ୍ତି ଯେ ଆମର ସଲାମ ହଜୁର ସ.ଆଙ୍କ ନିକଟରେ ପହଁଚାଇ ପାରିବ । ସୁତରାଂ ତୁମେ ଆମର ସଲାମ ହଜୁର ସ.ଆଙ୍କ ନିକଟରେ ପହଁଚାଇଦିଅ । ଯେତେବେଳେ ହଜୁର ସ.ଆଙ୍କୁ ହଜରତ ଜିବରିଲ୍ ଉକ୍ତ ଘଟଣାର ଖବର ଦେଇ ସେମାନଙ୍କ ସଲାମ ଜଣାଇଲେ ସେତେବେଳେ ହଜୁର ଉତର ଦେଲେ **ଓ୍ୱ ଆଲୈହିମ୍ ସଲାମ୍** । ଅର୍ଥାତ ସେମାନଙ୍କ ଉପରେ ଅଲ୍ଲାଃଙ୍କର ସୁରକ୍ଷା ଅବତୀର୍ଣ୍ଣ ହେଉ । ମନ୍‌ଜର ବିନ୍ ଉମରୋ ସେମାନଙ୍କୁ କହିଲେ ଯଦି ତୁମେ ଇଚ୍ଛା କର ତେବେ ଆମେ ତୁମକୁ ସୁରକ୍ଷା ପ୍ରଦାନ କରିବୁ କିନ୍ତୁ ଉକ୍ତ ସାହାବାଗଣ ମନା କରିଦେଲେ । ସେ ହଜରତ ହରାମଙ୍କ ଶହିଦ୍ ହେବା ସ୍ଥାନକୁ ଆସିଲେ ଶତ୍ରୁମାନଙ୍କ ସହ ଯୁଦ୍ଧ କଲେ ଏବଂ ଶହିଦ୍ ହୋଇଗଲେ । ହଜରତ ମହମ୍ମଦ ସ.ଆ କୁହନ୍ତି ସେମାନେ ଆଗକୁ ବଢିଗଲେ ଅର୍ଥାତ ମୃତ୍ୟୁ ସମ୍ମୁଖକୁ ଚାଲିଗଲେ ଯେତେବେଳେ କି ସେମାନେ ପରିଣାମ ସମ୍ବନ୍ଧରେ ବେଶ୍ ଭଲଭାବରେ ଅବଗତ ଥିଲେ । ହଜୁର ଅନଓ୍ୱର ଅ.ବ କହିଲେ– ସେମାନେ ଅତ୍ୟନ୍ତ ବୀରତ୍ୱର ସହ ଶତ୍ରୁମାନଙ୍କ ସହ ଲଢିଲେ । ଏହା ସତ୍ୱେ କି ସେମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଯୁଦ୍ଧ ସରଞ୍ଜାମ ମଧ୍ୟ ନଥିଲା, ନା ସେମାନେ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ସେଠାକୁ ଯାଇଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ତା'ପରେ ମୁଁ ହଜରତ ସଲିମ୍ ବିନ୍ କୈଶ ଅନସାରୀଙ୍କର ଚର୍ଚ୍ଚା କରିବି ଯେ ହଜରତ ଖୌଲା ବିନତ୍ କୈଶଙ୍କର ଭାଇ ଥିଲେ । ଯେ ହଜରତ ହମଜାଃଙ୍କର ପତ୍ନୀ ଥିଲେ । ସେ ବଦର, ଓ୍ୱହଦ୍ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ସାମିଲ ଥିଲେ । ତାଙ୍କ ଦେହାନ୍ତ ହଜରତ ଉସମାନ୍ ର.ଅଙ୍କ ସମୟ କାଳରେ ଘଟିଥିଲା ।

ଆଉ ଜଣେ ସାହାବି ଥିଲେ ହଜରତ ସାବିତ୍ ବିନ୍ ସାଲବାଃ । ହଜରତ ସାବିତ୍ ୭୦ଜଣ ଅନସାରୀଙ୍କ ସାଥିରେ ବୟତେ ଅକବାରେ ସାମିଲ୍ ଥିଲେ । ବଦର, ଓ୍ୱହଦ୍, ଖନ୍ଦକ ସୁଲେ ହୁଦେବିୟା, ଖୈବର୍ ଓ ମକ୍କା ବିଜୟ ତଥା ତାଇଫ୍ ଯୁଦ୍ଧରେ ସାମିଲ୍ ଥିଲେ । ଆପଣ ତାଇଫ୍ ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ଆଉ ଜଣେ ସାହାବି ହଜରତ ସମାକ୍ ବିନ୍ ସାଦ ଥିଲେ । ବଦର ଯୁଦ୍ଧରେ ନିଜ ଭାଇ ହଜରତ ବଶିରଙ୍କ ସାଥିରେ ସାମିଲ ଥିଲେ ଏବଂ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସେ ସାମିଲ ଥିଲେ ତାଙ୍କ ସମ୍ବନ୍ଧ ଖଜରଜ୍ ଗୋଷ୍ଠୀ ସହ ଥିଲା ।

ଆଉ ଜଣେ ସାହାବା ଜାବିର ବିନ୍ ଅବଦୁଲ୍ଲାଃ ବିନ୍ ରୟାବ୍ ଥିଲେ । ହଜରତ ଜାବିର୍ଙ୍କ ଗଣନା ସେହି ଛ'ଜଣ ଅନସାରୀଙ୍କ ମଧ୍ୟରେ କରାଯାଏ ଯେ ସର୍ବପ୍ରଥମେ ମକ୍କାରେ ମୁସଲମାନ ହୋଇଥିଲେ । ହଜରତ ଜାବିର ବଦର, ଓ୍ୱହଦ୍, ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ସାମିଲ୍ ଥିଲେ । ବୟତେ ଅକବା ଉଲା (ଅକବା ସ୍ଥାନରେ ହୋଇଥିବା ପ୍ରଥମ ବୟତ)ପୂର୍ବରୁ ହଜୁର ସ.ଆଙ୍କ ସାଥିରେ କିଛି ଅନସାରଙ୍କର ସାକ୍ଷାତ ମକ୍କାରେ ହେଲା । ଯେଉଁମାନଙ୍କ ସଂଖ୍ୟା ଛ'ଥିଲା, ସେମାନଙ୍କ ନାମ ଅସଦ ବିନ୍ ଯରାରାଃ (୨) ଅଓ୍ୱଫ ବିନ୍ ହାରିସ୍ (୩) ରାଫେ ବିନ୍ ମାଲିକ୍ ବିନ୍ ଅଜଲାନ୍ (୪) କତବା ବିନ୍ ଆମିର୍ ବିନ୍ ହଦିଦାଃ (୫) ଉକବାଃ ବିନ୍ ଆମିର ବିନ୍ ନାବି (୬) ଜାବିର ବିନ୍ ଅବଦୁଲ୍ଲାଃ ବିନ୍ ରୟାବ୍ । ଏମାନେ ସମସ୍ତେ ହଜୁର ସ.ଆଙ୍କର ବୟତ କରିଥିଲେ । ହଜରତ ମହମ୍ମଦ ସ.ଆଙ୍କ ଠାରୁ ବିଦାୟ ନେବା ସମୟରେ ସେମାନେ କହିଲେ ଆମକୁ ଆମର ଗୃହଯୁଦ୍ଧ ଅତ୍ୟନ୍ତ ଦୁର୍ବଳ କରିରଖିଛି । ଆମ ଗୋଷ୍ଠୀସମୁହ ମଧ୍ୟରେ ଅନେକ ମତାନ୍ତର ରହିଛି ତଥାପି ଆମେ ୟଶରବ୍ (ମଦିନା) ଯାଇ ନିଜ ଭାଇମାନଙ୍କୁ ଇସଲମା ସମ୍ବନ୍ଧରେ ଅବଗତ କରାଇବୁ ସମ୍ଭବତଃ ଅଲ୍ଲାଃତାଲା ଆପଣଙ୍କ ବାର୍ତ୍ତା ଓ ଆମ ତବଲିଗ୍ ମାଧ୍ୟମରେ ଆମେମାନେ ପୁନଃ ଏକତ୍ରିତ ହୋଇଯିବୁ । ତା'ପରେ ଆମେ ଆପଣଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବୁ ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମୁନଯିର ବିନ୍ ଉମରୋ ବିନ୍ ଖନିସ୍ ଜଣେ ସାହାବି ଥିଲେ । ତାଙ୍କ ଲକବ୍ (ଉପାଧି) **ମଅନକ୍ ଲିଲ୍‌ମୌତ୍** ଥିଲା ଅର୍ଥାତ ଆଗକୁ ବଢି ମୃତ୍ୟୁକୁ ଆଲିଙ୍ଗନ କରିବା । ସେ ବନୁ ସାଆଦାଃ ପରିବାରର ତଥା ଖଜରିଜ୍ ଗୋଷ୍ଠୀର ଥିଲେ । ବୟତେ ଅକବାରେ ସାମିଲ୍ ଥିଲେ । ହଜରତ ମହମ୍ମଦ ସ.ଆ ହଜରତ ମୁନଜିର୍ ବିନ୍ ଉମରୋ ଓ ହଜରତ ସାଦ ବିନ୍ ଅବାଦାଃଙ୍କୁ ତାଙ୍କ ଗୋଷ୍ଠୀ ବନୁ ସାଆଦାଃର ଜଗୁଆଳୀ ଅର୍ଥାତ ପ୍ରଧାନ ବା ମୁଖିଆ କରିଥିଲେ । ସେହି ପୂର୍ଣ୍ଣ ଅନ୍ଧକାର ଯୁଗରେ ହଜରତ ମୁନଜିର୍ ଜଣେ ପାଠୁଆ, ଶିକ୍ଷିତ ବ୍ୟକ୍ତି ଥିଲେ । ସେ ବଦର ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ଥିଲେ । ସେ ସୁଫି ସ୍ୱଭାବର ବ୍ୟକ୍ତି ଥିଲେ ଏବଂ ବ'ଏରେ ମାଉନାର ଘଟଣାରେ ଶହିଦ୍ ହୋଇଥିଲେ ।

ଇତିହାସରେ ଦରଜ ଅଛି ଯେତେବେଳେ ହଜୁର ସ.ଆଙ୍କୁ ହଜରତ ଜିବରିଲ୍ ବ'ଏରେ ମାଉନାର ଶହିଦମାନଙ୍କ ସମ୍ବନ୍ଧରେ ଖବର ଦେଲେ ସେତେବେଳେ ହଜୁର ସ.ଆ ହଜରତ ମୁନଜିର୍ ବିନ୍ ଉମରୋଙ୍କ ସମ୍ବନ୍ଧରେ କହିଲେ- **ଆନକା ଲିଲ୍‌ମୌତ୍** ଅର୍ଥାତ ହଜରତ ମୁନଜିର୍ ବିନ୍ ଉମରୋ ଏଥିସମ୍ବନ୍ଧରେ ଅବଗତ ଥିବା ସତ୍ତ୍ୱେ କି ବର୍ତ୍ତମାନ ଶହିଦ୍ ହେବା ସୁନିଶ୍ଚିତ, ନିଜ ସାଥିମାନଙ୍କ ପରି ସେହି ସ୍ଥାନରେ ଅଟଳ ରହି ଶହିଦ୍ ହେବାକୁ ବରଣ କଲେ । ତାଙ୍କୁ ଶତ୍ରୁମାନେ ଏହି ବିକଳ୍ପ ପ୍ରଦାନ କରିଥିଲେ କି ଯଦି ତୁମେ ଇଚ୍ଛା କର ତେବେ ଆମେ ତୁମକୁ ସୁରକ୍ଷା ପ୍ରଦାନ କରିବୁ କିନ୍ତୁ ସେ ତାହା ଗ୍ରହଣ କଲେ ନାହିଁ ।

ହଜରତ ମାଜ୍ ବିନ୍ ଅବାଦାଃ ଜଣେ ସାହାବି ଥିଲେ ଯାହାଙ୍କ ଉପନାମ ଅବୁ ହୁମେଜାଃ ଥିଲା । ତାଙ୍କ ପିତାଙ୍କ ନାମ ଅବା ବିନ୍ କଶିର ଥିଲା । ତାଙ୍କ ସମ୍ପର୍କ ଖଜରଜ୍ ଗୋଷ୍ଠୀର ଶାଖା ବନୁ ସାଲମ୍ ବିନ୍ ଗନମ୍ ବିନ୍ ଅଓ୍ୱଫ୍ ସହ ଥିଲା । ସେ ବଦର ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ଥିଲେ ।

ଆଉ ଜଣେ ସାହାବି ଥିଲେ ହଜରତ ଅବି ବିନ୍ ଅବି ଜଗବା ଅନସାରୀ । ତାଙ୍କ ପିତା ସନାନ ବିନ୍ ସବିହ ଥିଲେ । ତାଙ୍କର ଦେହାନ୍ତ ହଜରତ ଉମର ର.ଅଙ୍କ ଖିଲାଫତ୍‌ର ସମୟ କାଳରେ ଘଟିଥିଲା । ତାଙ୍କ ସମ୍ପର୍କ ଅନସାରର ଜହିନାଃ ଗୋଷ୍ଠୀ ସହ ଥିଲା । ବଦର, ଓ୍ୱହଦ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ସେ ହଜୁର ସ.ଆଙ୍କ ସାଥିରେ ଉପସ୍ଥିତ ଥିଲେ । ହଜୁର ସ.ଆ ବଦର ଯୁଦ୍ଧ ସମୟରେ ତାଙ୍କୁ ହଜରତ ବସବସ୍ ବିନ୍ ଉମରୋଙ୍କ ସାଥିରେ ଗୁପ୍ତଚର ଭାବରେ ଅବୁ ସୁଫୟାନ୍‌ଙ୍କ ଦଳ ନିକଟକୁ ପ୍ରେରଣ କରିଥିଲେ ।

ଆଉ ଜଣେ ସାହାବି ଥିଲେ ହଜରତ ରବି ବିନ୍ ଅୟାସ ତାଙ୍କ ସମ୍ପର୍କ ଅନସାରଙ୍କ ଖଜରଜ୍ ଗୋଷ୍ଠୀର ଶାଖା ବନୁ ଲଓ୍ୱଜାନ୍ ସହ ଥିଲା । ବଦର ଯୁଦ୍ଧରେ ସେ ନିଜ ଭ୍ରାତା ଓରକା ବିନ୍ ଅୟାସ ଓ ମରୋ ବିନ୍ ଅୟାସଙ୍କ ସାଥିରେ ଯୋଗଦେଇଥିଲେ । ସେ ଓ୍ୱହଦ ଯୁଦ୍ଧରେ ମଧ୍ୟ ସେ ସାମିଲ ଥିଲେ ।

ଆଉ ଜଣେ ସାହାବି ଥିଲେ ହଜରତ ଅମିର ବିନ୍ ଆମିର ଅନସାରୀ, ତାଙ୍କ ଉପନାମ ଅବୁ ଦାଉଦ ଥିଲା । ତାଙ୍କ ପିତାଙ୍କ ନାମ ଆମିର ବିନ୍ ମାଲିକ୍ ଥିଲା । ସେ ବଦର ଓ ଓ୍ୱହଦ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ସାମିଲ ଥିଲେ ।

ଆଉ ଜଣେ ସାହାବି ଥିଲେ ହଜରତ ସାଦ ବିନ୍ ଖୌଲା । ତାଙ୍କ ସମ୍ପର୍କ ବନୁ କଲବ ଗୋଷ୍ଠୀ ସହ ଥିଲା । ଆପଣ ହଜରତ ହାତିବ ବିନ୍ ଅବି ବଲତାଙ୍କ ଦ୍ୱାରା ଦାସତ୍ୱରୁ ମୁକ୍ତି ଲାଭ କରିଥିଲେ । ସେ ଆପଣଙ୍କ ସାଥିରେ ଅତ୍ୟନ୍ତ ନମ୍ରତା ଓ ଦୟା ଆଚରଣ କରୁଥିଲେ । ଆପଣ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଓ୍ୱହଦ ଯୁଦ୍ଧରେ ସେ ଶହିଦ୍ ହୋଇଥିଲେ । ହଜରତ ଉମର ର.ଅ ହଜରତ ସାଦଙ୍କ ପୁତ୍ର ଅବଦୁଲ୍ଲାଃ ବିନ୍ ସାଦଙ୍କର ଅନସାରଙ୍କ ସାଥିରେ ଭତା ଧାର୍ଯ୍ୟ କରିଥିଲେ ।

ହଜରତ ଅବୁ ସନାନ ବିନ୍ ମୋହସିନ୍ ନାମି ଜଣେ ସାହାବି ଥିଲେ । ତାଙ୍କ ପିତାଙ୍କ ନାମ ମୋହସିନ୍ ବିନ୍ ହରମାନ ଥିଲା । ହଜରତ ଅବୁ ସନାନ ବିନ୍ ମୋହସିନ୍ ହଜରତ ଅକାଶା ବିନ୍ ମୋହସିନ୍‌ଙ୍କର ଭାଇ ଥିଲେ । ସେ ବଦର, ଓ୍ୱହଦ ଓ ଖନ୍ଦକ ଯୁଦ୍ଧରେ ସାମିଲ ଥିଲେ, ତଥା ବୟତେ ରିଜଓ୍ୱାନରେ ସାମିଲ ଥିଲେ । ତାଙ୍କ ଦେହାନ୍ତ ସେତେବେଳେ ଘଟିଲା ଯେତେବେଳେ ହଜୁର ସ.ଆ ବନୁ କରିଜାର ଘେରାଉ କରିଥିଲେ । ହଜୁର ସ.ଆ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିଜାଙ୍କ କବର ସ୍ଥାନରେ ହିଁ କରି ଦେଲେ ।

ଆଉ ଜଣେ ସାହାବି ହଜରତ କୈଶ ବିନ୍ ଅଲସକନ୍ ଥିଲେ । ହଜରତ କୈଶଙ୍କ ପିତାଙ୍କ ନାମ ସକନ ଥିଲା । ଆପଣ ବଦର, ଓ୍ୱହଦ, ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ସାମିଲ ଥିଲେ । ଆପଣଙ୍କ ଗଣନା ସେହି ସାହାବାଙ୍କ ମଧ୍ୟରେ ହୋଇଥାଏ ଯେ ହଜୁର ସ.ଆଙ୍କ ସମୟରେ କୁରଆନ୍ ଏକତ୍ରିତ କରିଥିଲେ ।

ହଜରତ କୈଶ **ୟୋମ ଏ ଜସର** (ଦିନ) ଅବସରରେ ଶହିଦ୍ ହୋଇଥିଲେ । ହଜରତ ଉମର ର.ଅଙ୍କ ଖିଲାଫତ୍ ସମୟ କାଳରେ ଇରାନୀମାନଙ୍କ ସାଥିରେ ଯେଉଁ ଘମାସାନ ଯୁଦ୍ଧ ଫରାତ୍ ଦରିଆରେ ଯେଉଁ ପୋଲ ତିଆରି କରାଯାଇଥିଲା । ସେହି ଯୁଦ୍ଧକୁ ୟୋମ ଏ ଜସର କୁହନ୍ତି ।

ଆଉ ଜଣେ ସାହାବି ଅବୁ ଅଲୁସର କାବ ବିନ୍ ଉମରୋ ଥିଲେ ତାଙ୍କ ପିତାଙ୍କ ନାମ ଉମରୋ ବିନ୍ ଅବାଦ ଏବଂ ମାତାଙ୍କ ନାମ ନସିବା ବିନତ୍ ଅଜହର୍ ଥିଲା । ଯେ ବନୁ ସଲମି ଗୋଷ୍ଠୀର ଥିଲେ । ଆପଣ ବୟତେ ଅକବାରେ ସାମିଲ ଥିଲେ । ବଦର ତଥା ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ୍ ଥିଲେ । ସେ ସଫିନ୍ ଯୁଦ୍ଧରେ ହଜରତ ଅଲୀଙ୍କ ସାଥିରେ ସାମିଲ ଥିଲେ ଏବଂ ବଦର ଯୁଦ୍ଧରେ ହଜରତ ଅବାସଙ୍କୁ କଏଦ କରିଥିଲେ । ତାଙ୍କ ସମ୍ବନ୍ଧରେ ହଜୁର ସ.ଆ ଆପଣଙ୍କୁ

କହିଥିଲେ- ନିଃସନ୍ଦେହ ଏହି କାର୍ଯ୍ୟରେ ତୁମର ଜଣେ ମର୍ଯ୍ୟାଦା ସମ୍ପର୍ଣ୍ଣ ଦେବଦୂତ ସାହାଯ୍ୟ କରିଛନ୍ତି ।

ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି କି ଅବାଦାଃ ବିନ୍ ୱଲିଦ୍ ବର୍ଣ୍ଣନା କରନ୍ତି ଏକଦା ହଜୁର ସ.ଆଙ୍କ ସାହାବି ହଜରତ ଅବୁ ଅଲୟସର୍‌ଙ୍କୁ ସାକ୍ଷାତ କଲେ । ସେତେବେଳେ ତାଙ୍କ ସାଥିରେ ଜଣେ ଦାସ ମଧ ଥିଲେ । ଆମେ ଦେଖିଲୁ ତାଙ୍କ ଶରୀର ଉପରେ ଏକ ସୁନ୍ଦର ଗାର ପଡ଼ିଥିବା ଚଦର ଏବଂ ଆଉ ଏକ ୟମନି (ୟମନ୍ ଦେଶୀୟ) ଚଦର ଥିଲା, ସେହିପରି ସମାନ (ରଙ୍ଗର)ଚଦର ତାଙ୍କ ଦାସ ମଧ ଘୋଡ଼ିଥିଲେ । ମୁଁ ତାଙ୍କୁ ପଚାରିଲି ଚଚା ତୁମେ ଏପରି କାହିଁକି କଲ ନାହିଁ କି ନିଜ ଦାସର ଗିରା ପଡ଼ିଥିବା ଚଦର ସ୍ୱୟଂ ନେଇ ନିଜର ୟମନି ଚଦର ତାଙ୍କୁ ଦେଇ ଦେଇଥାନ୍ତେ ଯଦ୍ୱାରା ଉଭୟଙ୍କ ଶରୀରରେ ଏକ ପ୍ରକାରର ଚଦର ରହିଥାନ୍ତା । ସେ ଉତର ଦେଲେ ହଜୁର ସ.ଆ କହିଛନ୍ତି **ନିଜ ଦାସକୁ ସେହି ଖାଦ୍ୟ ଖୁଆଅ ଯାହା ନିଜେ ଖାଉଛ ଏବଂ ସେହି ବସ୍ତ୍ର ପିନ୍ଧାଅ ଯାହା ତୁମେ ପରିଧାନ କରୁଅଛ । ଅତଏବ ମୁଁ ଏହି ଉପଦେଶକୁ ଅତ୍ୟନ୍ତ ପସନ୍ଦ କରେ କି ମୁଁ ସାଂସାରିକ ଧନସମ୍ପତି ମାମଲାରେ ନିଜ ଦାସକୁ ସମାନ ଅଧିକାର ପ୍ରଦାନ କରିଦିଏ ଏହା ପରିବର୍ତେ କି ପରକାଳରେ ମୋ ପୁଣ୍ୟରେ କିଛି କମ୍ ନହୋଇଯାଉ ।**

ହଜରତ ଅବୁ ଅଲୟସର ବର୍ଣ୍ଣନା କରନ୍ତି ବନୁ ହରାମ ଗୋଷ୍ଠୀର ଜଣେ ବ୍ୟକ୍ତି ମୋର କରଜ ପରିଶୋଧ କରିବାର ଥିଲା । ଦିନେ ମୁଁ ତାହା ନିକଟକୁ ଗଲି, ସେ ମୋ ଶ୍ୱର ଶୁଣି ଲୁଚିଗଲେ । ମୁଁ ତାକୁ କହିଲି ବାହାରକୁ ଚାଲିଆସ ମୁଁ ଜାଣିଛି ତୁମେ କେଉଁଠାରେ ଲୁଚିଛ । ସେ ବାହାରକୁ ଚାଲିଆସି କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ତୁମକୁ ମିଥ୍ୟା କହିବାକୁ ଅବା ମିଛ ପ୍ରତିଶୃତି ଦେବାକୁ ଡ଼ରୁଥିଲି । ମୁଁ ତାଙ୍କୁ କହିଲି କ'ଣ ସତରେ ତୁମେ ଅଲ୍ଲାଃଙ୍କ ସପଥ କରି ଏହା କହୁଛ । ସେ ଉତର ଦେଲେ ହଁ । ଏଥିଅନ୍ତେ ମୁଁ ତାହାର କରଜ ପରିଶୋଧ କରିଥିବା ଲେଖା କାଟିଦେଲି । ହଜୁର ଅନୱର ଅ.ବ କହିଲେ- ଅବୁ ଅଲୟସର ବର୍ଣ୍ଣନା କରନ୍ତି ହଜରତ ମହମ୍ମଦ ସ.ଆ କହିଲେ ଯେ କେହି ଜଣେ ଅଭାବିକୁ ତାହାର ଧାର୍ଯ୍ୟ ଅବଦ୍ଧି କୋହଳ କରିଦିଏ ଅବା ତାହାର ସମସ୍ତ ବୋଝ ବହନ କରେ । ଅଲ୍ଲାଃତାଲା ତାହାକୁ ନିଜ ଛତ୍ରଛାୟା ତଳେ ସ୍ଥାନ ଦେଇଥାନ୍ତି । **ସୁତରାଂ ମୁଁ ତୁମର ବୋଝ ଓହ୍ଲାଇ ଦେଲି କାରଣ ମୁଁ ଅଲ୍ଲାଃତାଲାଙ୍କ ଛତ୍ରଛାୟାର ଅଭିଳାଷି ଅଟେ । ଅଲ୍ଲାଃତାଲାଙ୍କୁ ଭୟ କରିବାର ଏହା ଏକ ଉଦାହରଣ ଅଟେ ।**

ହଜରତ ଅବୁ ଅଲୟସର ହଦିସ ବର୍ଣ୍ଣନା କରିବାରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିଲେ । ହଦିସ ବର୍ଣ୍ଣନା କରିବା ସମୟରେ ଆପଣଙ୍କ ଅବସ୍ଥା ଏପରି ହେଉଥିଲା କି ଆପଣ ନିଜ ଆଖି ଓ କାନରେ ଆଙ୍ଗୁଳି ରଖି କହୁଥିଲେ କି ଏହି ଆଖି ଉକ୍ତ ଘଟଣା ଦେଖିଛି ଏବଂ ଏହି କାନ ଉକ୍ତ ଘଟଣାକୁ ହଜୁର ସ.ଆଙ୍କୁ କହୁଥିବାର ଶୁଣିଛି । ଆପଣଙ୍କ ଦେହାନ୍ତ ହଜରତ ଅମିର ମାୱିୟାଙ୍କ ସମୟ କାଳରେ ୫୫ହିଜରୀରେ ଘଟିଥିଲା ।

ହଜୁର ଅନୱର ଅ.ବ କହିଲେ- ଏମାନେ ଅଦଭୂତ ପୂର୍ଣ୍ଣ ଗୌରବ ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ଯେ, ଆମମାନଙ୍କୁ ଅଲ୍ଲାଃତାଲାଙ୍କ ବିଶ୍ୱସ୍ତ ହେବାର ମାର୍ଗ ଦର୍ଶାଇଲେ ଏବଂ ଅଲ୍ଲାଃତାଲାଙ୍କୁ ଭୟ କରିବାର ପ୍ରଣାଳୀ ଶିଖାଇଲେ । ହଜରତ ମହମ୍ମଦ ସ.ଆଙ୍କ କଥାକୁ ଅତ୍ୟନ୍ତ ଗିଭୀରତାର ସହ ସ୍ୱୀକାର କରି ପୂର୍ଣ୍ଣ ଆଜ୍ଞାବହ ହେବାର ଶିକ୍ଷା ଦେଇଗଲେ । ଅଲ୍ଲାଃତାଲା ବୈକୁଣ୍ଠରେ ଏମାନଙ୍କ ସ୍ତର ବୃଦ୍ଧି କରିଚାଲନ୍ତୁ ।

Khulasa Khutba Juma Huzoor Anwar a.b.a
25th January 2019